17	Sambad, BHUBANESWAR	01 December 2010

ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷାକୁ ନେଇ ପ୍ରାମାଣିକ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଘାଟିତ

'ସିଏମ୍‌ଏସ୍ ବାତାବରଣ'ରେ ୫୬ ସିନେମା

ଭୁବନେଶ୍ୱର, ୩୦/୧୧ (ଭମିସ): ଆଞ୍ଚଳିକ ଭାଷାରୁ ଆରମ୍ଭ କରି ଜାତୀୟ ଓ ଆନ୍ତର୍ଜାତିକ ଦୃଶ୍ୟପଟରେ ପରିବେଶ ସୁରକ୍ଷା ପ୍ରସଙ୍ଗ ଦିନକୁ ଦିନ ଅଧିକ ଗୁରୁତ୍ୱ ବହନ କରୁଛି । ଏଥିପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ଅଭିଯାନ ମଧ୍ୟ ଜୋର୍ ଧରିଛି । ପରିବେଶ ଉପରେ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ ଏହି ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ବିବେଚିତ ହେଉଛି । ତେଣୁ ଏହାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ନୂଆଦିଲ୍ଲୀସ୍ଥିତ ସେଣ୍ଟର ଫର୍ ମିଡିଆ ଷ୍ଟଡିଜ୍ (ସିଏମ୍‌ଏସ୍) ଉଦ୍ୟମରେ ଆୟୋଜିତ ହେଉଛି ପ୍ରାମାଣିକ ଚଳଚ୍ଚିତ୍ର ମହୋତ୍ସବ 'ସିଏମ୍‌ଏସ୍ ବାତାବରଣ' । ଚେନ୍ନାଇ, ହାଇଦ୍ରାବାଦ, ସିଙ୍ଗ, ଡ୍ରିଲେନ୍ସମ ଏବଂ ପୋର୍ଟ ବ୍ଲେୟାର ପରେ ଏହି ମହୋତ୍ସବ ଭୁବନେଶ୍ୱରରେ ଆରମ୍ଭ ହୋଇଛି । ଏହି ଚଳଚ୍ଚିତ୍ର ପ୍ରଦର୍ଶନର ବିଷୟବସ୍ତୁ ରଖାଯାଇଛି ଜଳବାୟୁ ପରିବର୍ତ୍ତନ ଓ ପରିବେଶ ଅନୁକୂଳ ପ୍ରଯୁକ୍ତି । ଉତ୍ସବର ମିଡିଆ ପାର୍ଟନର ଭାବେ 'ସମ୍ବାଦ' ଓ 'ଜନକ ଟିଭି' ସହଯୋଗ କରୁଛି ।

ଆଜି ସାନୀୟ ରିଜିଓନାଲ ମ୍ୟୁଜିୟମ ଅଫ୍ ନାଚୁରାଲ ହିଷ୍ଟ୍ରି ପରିସରରେ ଏହି ଚଳଚ୍ଚିତ୍ର ମହୋତ୍ସବକୁ ପର୍ଯ୍ୟଟନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଉଦ୍‌ଘାଟନ କରିଛନ୍ତି ।

ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବରେ ମୋଟ ୫୬ଟି ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହେବ । ସେଥିମଧ୍ୟରୁ ଅନେକଗୁଡ଼ିଏ ଚଳଚ୍ଚିତ୍ର ଓଡ଼ିଶାରେ ପରିବେଶ ପ୍ରସଙ୍ଗ ଉପରେ ଆଧାରିତ ବୋଲି ସିଏମ୍‌ଏସ ଅଧ୍ୟକ୍ଷ ଡ. ଏନ ଭାସ୍କର ରାଓ ପ୍ରକାଶ କରିଛନ୍ତି । ଏଥିରେ ରାଜ୍ୟର ଉପକୂଳ ଅବକ୍ଷୟ ଓ ଜୈବ ବିବିଧତା ପ୍ରତି ଥିବା ବିପଦ ଏବଂ ପରିବେଶ ଓ ପ୍ରଗତିକୁ ନେଇ ଥିବା ଦ୍ୱନ୍ଦ୍ୱ ସଂପର୍କରେ ତଥ୍ୟ ରହିଛି । ସପ୍ତାହ ବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜଧାନୀରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରିବେଶ ସଚେତନତା ପାଇଁ ଏହିସବୁ ଫିଲ୍ମ ପ୍ରଦର୍ଶନ କରାଯିବ । ଏହାଛଡ଼ା ସହରର ବିଭିନ୍ନ ସ୍ଥାନରେ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଜଣ୍ଟର ରାଓ ପ୍ରକାଶ କରିଛନ୍ତି । ଚଳଚ୍ଚିତ୍ର ପ୍ରଦର୍ଶନ ସହ ଓଡ଼ିଶାର ଜୈବ ବିବିଧତା ଉପରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବ । ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ନାଲ୍‌କୋର ଅର୍ଥ ବିଭାଗ ନିର୍ଦ୍ଦେଶକ ବି ଏଲ ବାଗ୍ରା, ରିଜିଓନାଲ ମ୍ୟୁଜିୟମ ଅଫ୍ ନାଚୁରାଲ ହିଷ୍ଟ୍ରିର ଜି ଏନ ଇନ୍ଦ୍ରେଶ ପ୍ରମୁଖ ଉପସ୍ଥିତ ଥିଲେ ।

ପରିବେଶ ସୁରକ୍ଷା ପାଇଁ ପୁରସ୍କାର

ଉତ୍ସବରେ ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା ଦିଗରେ ଅବଦାନ ଥିବା ଅନୁଷ୍ଠାନ ଏବଂ ବ୍ୟକ୍ତିମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରିବେଶ ସୁରକ୍ଷା ପାଇଁ ଜିଲ୍ଲାଦେନ୍ଦ୍ର ପ୍ରତାପ ଦାସ, ସଂସୁକ୍ତା ବାସ, ଭାନୁମିତ୍ର ଆଚାର୍ଯ୍ୟ, ପ୍ରସନ୍ନ କୁମାର ଦେହେରା, ଚନ୍ଦ୍ରମା ନାୟକ, ପ୍ରତ୍ୟୁଷ ମହାପାତ୍ର, ଅକ୍ଷୟ ପଟ୍ଟନାୟକ, ପ୍ରମୋଦ କୁମାର ମହାପାତ୍ର ଏବଂ ସୁଜିତ ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ପରିବେଶଧର୍ମୀ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ସତ୍ୟ ପ୍ରକାଶ ନାୟକ, ବିଭୀଷ କୁମାର ଚନ୍ଦ, ଶାନ୍ତନୁ ମିଶ୍ର, ମୋନାଲିସା ଭୂଜବଳ ଏବଂ ଗୁଡ଼ ପ୍ରସନ୍ନ ମହାପାତ୍ର ପ୍ରମୁଖ ପୁରସ୍କୃତ ହୋଇଥିଲେ ।

ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା ଉପରେ ଚଳଚ୍ଚିତ୍ର ନିର୍ମାଣ ଲାଗି ସତ୍ୟପ୍ରକାଶ ନାୟକଙ୍କୁ ପର୍ଯ୍ୟଟନ ମନ୍ତ୍ରୀ ପୁରସ୍କୃତ କରୁଛନ୍ତି ।